ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୬ ସେପ୍ଟେମ୍ବର, ୨୦୨୩

**୨୩୫ ଛାତ୍ରୀଛାତ୍ର ଦେଲେ ମେଧାବୃତ୍ତି**

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ କିଶୋରନଗର ହାଇସ୍କୁଲ ଠାରେ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ହାଇସ୍କୁଲରୁ ୨୩୫ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ୯ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଅଧାକ୍ଷକ ଭାବେ ନିଯୁକ୍ତ ହୋଇଥିବାରୁ ସମସ୍ତ ଶ୍ରେଣୀକକ୍ଷ ଯାଞ୍ଚ କରିଥିଲେ। ଉପ ଅଧାକ୍ଷକ ଭାବରେ ବିନାୟକ ଦେହୁରୀ ନିଯୁକ୍ତ ହୋଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



## ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା,୨୫।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ, ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି। ଗୁଣ୍ଡୁରିମୁଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ରଜନୀ ବେହେରାଙ୍କ ଠାରୁ ୧୨ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ସେହିପରି ଧଉରାଗୋଠ ଗ୍ରାମରେ ଚଢ଼ାଉ କରାଯାଇ ଦେବଶ୍ରୀ ପ୍ରଧାନଙ୍କ ଘରୁ ୪ ଲିଟର ବିଦେଶୀ ମଦ, ସୋଲଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ନନ୍ଦ କିଶୋର ପ୍ରଧାନଙ୍କ ଘରୁ ୩୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯିବା ସହ ଏମାନଙ୍କୁ ଗିରଫ କରାଯାଇଛି। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବର ପାଇ ଆଠମଲ୍ଲିକ ଅବକାରୀ ବିଭାଗ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ ଚଢ଼ାଉ କରି ଗିରଫ କରିଥିଲେ।





ଅତିଥିଙ୍କ ଦ୍ୱାରା ଆଜ୍ଞା ଲଡୁ ନିଲାମ କରାଯାଉଛି।



ଭସାଣି ଶୋଭାଯାତ୍ରା ପାଇଁ ମେଢ଼ଗୁଡ଼ିକୁ ଢେଙ୍କାନାଳ ମିନି ଷ୍ଟାଡିୟମକୁ ଅଣାଯାଇଥିବା ବେଳେ ସେଠାରେ ଗହଳି ଜମିଛି।

# ଢେଙ୍କାନାଳ ସହରରୁ ବାହୁଡ଼ିଲେ ଗଜାନନ

**ବାଦ୍ୟ, ନୃତ୍ୟରେ କମ୍ପିଲା ପରିବେଶ**

ଢେଙ୍କାନାଳ,୨୫।୯(ରତନ ନାୟାର)

ଢେଙ୍କାନାଳ ସହରରୁ ବିଦାୟ ନେଇଛନ୍ତି ମହାପ୍ରଭୁ ଶ୍ରୀଗଣେଶ। ସୋମବାର ଧୁମ୍‌ଧାମରେ ଏହି ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ଶୋଭାଯାତ୍ରାରେ ଭିନ୍ନ ଭିନ୍ନ ବାଦ୍ୟ, ନୃତ୍ୟ ଓ ସଙ୍ଗୀତ ସାମିଲ କରାଯାଇଥିବାରୁ ସହର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ପୂଜା ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ସକାଳ ୮ଟା ପୂର୍ବରୁ ନିଜ ନିଜ ଆସ୍ଥାନରୁ ମେଢ଼ ମିନି ଷ୍ଟାଡିୟମକୁ ଅଣାଯାଇଥିଲା। ସେଠାରେ ମିଳିତବଜାର ଗଣେଶ ପୂଜା କମିଟି ପକ୍ଷରୁ



ଆୟୋଜିତ କାର୍ଯ୍ୟକ୍ରମରେ କ୍ରମିକ ନମ୍ବର ପାଇଁ ଲଟେରି ହୋଇଥିଲା। ଏଥିରେ ଷ୍ଟେଶନ ବଜାର ପୂଜା କମିଟି ୧ ନଂ.ରେ ରହିଥିଲା। ସେହିପରି ମହାବୀର ୟୁଥ୍ କ୍ଲବ ପକ୍ଷରୁ ପ୍ରଦତ୍ତ ଆଜ୍ଞା ଲଡୁକୁ ନିଲାମ କରାଯାଇଥିଲା। ଗଣେଶ ବଜାର ପୂଜା କମିଟି ୭୫୦୧ ଟଙ୍କାରେ ଏହି ଆଜ୍ଞା ଲଡୁକୁ ନିଲାମ ନେଇଥିଲା।

ଚଳିତବର୍ଷ ୩୩ଟି ପୂଜା କମିଟିର ମେଢ ମିଳିତ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲା। ମୋଟ ୩୯ଟି ମେଢ଼ ମଧ୍ୟରୁ କେତୋଟି ମେଢକୁ ସମ୍ପୃକ୍ତ ପୂଜା କମିଟି ଦିନକ ପୂର୍ବରୁ ନିଜ ନିଜ ସୁବିଧାରେ ବିସର୍ଜନ କରିଥିଲେ। ସନ୍ଧ୍ୟା ୭ଟା ସୁଦ୍ଧା ୬ଟି ମେଢ ବିସର୍ଜନ ହୋଇଥିବା ଜଣାପଡିଛି। ମିନି ଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ଓ ଭବାନୀ ଶଙ୍କର ଉଦ୍‌ଗାତା, ତହସିଲଦାର ସୁଧାଂଶୁ କୁମାର ସାଓ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମିଳିତ ଗଣେଶପୂଜା କ୍ରିୟାନୁଷ୍ଠାନ କମିଟି ସଭାପତି ସୁଧାଂଶୁ କୁମାର ଦଳେଇ ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅବନି ମିଶ୍ର ସଂଯୋଜନା କରିଥିଲେ।

## ତପୋବନ ପୀଠରେ ନବାନ୍ନ ଉତ୍ସବ

ଢେଙ୍କାନାଳ,୨୫।୯(ରତନ ନାୟାର)

ମହିମା ଧର୍ମର ଉତ୍ପତି ସ୍ଥଳ ଭାବେ ପରିଚିତ କପିଳାସ ପର୍ବତମାଳାର ମହିମା ତପୋବନ ପୀଠରେ ରବିବାର ନବାନ୍ନ ଉତ୍ସବ ପାଳିତ ହୋଇଥିଲା। କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ରଘୁନାଥ ବାବା ଘୃତାହୁତି ଦେଇଥିଲେ। ତାଙ୍କ ସହ କରୁଣା ବାବା, ଜ୍ଞାନି ବାବା, ନିରାକାର ବାବା, ନିବାରଣ ବାବା, କନ୍ଦର୍ପ ବାବା, ତ୍ୟାଗୀ ରାଜନ ଦାସ ଓ ସୌଭାଗ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଠଗଡ ତରସିଂହ ଗ୍ରାମର ଭାସ୍କର ଭୋଇ, ହଳଧର ଭୋଇ ଓ କୁଲାଇଲୋ ଗ୍ରାମର ପ୍ରଶାନ୍ତ ବେଉରାୟ ପ୍ରମୁଖ ପୀଠକୁ ନୂଆ ଚୁଡା ଯୋଗାଇ ଥିଲେ। ନାଗିଆପଶି, ବେଲଟିକିରି, କାଇମାଟି, ଭୁବନ, ଆଠଗଡ, ଦୋରଡ ଓ ଝିଲି ଆଦି ବିଭିନ୍ନ ସ୍ଥାନରୁ ଭକ୍ତମାନେ ଏହି ନବାନ୍ନ ଉତ୍ସବରେ ଯୋଗ ଦେଇଥିଲେ। ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଅଧ୍ୟାପକ ସୁନୀଲ ଦାସ, ଆଇନଜୀବୀ ଦିଲୀପ କୁମାର ସ୍ୱାଇଁ, ବଦାଲୋ ଚୁଙ୍ଗିର ଶତ୍ରୁଘ୍ନ ସାହୁ, ମଙ୍ଗରାଜ ସାହୁ, ଅନୁଗୋଳ କୁଲାଡ ଚୁଙ୍ଗିରୁ ରବି ବାବା, ଭକ୍ତ କରୁଣାକର ସେଠ୍, ହମାମିରା ଚୁଙ୍ଗିରୁ ଭକ୍ତ ଦେବରାଜ ସାହୁ, ନାଗିଆପଶି ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ଭକ୍ତ ପ୍ରଦୋଷ ମହାପାତ୍ର, ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ଚତୁର୍ଭୁଜ ପୁହାଣ, ବିଶ୍ୱାମିତ୍ର ମେହେର, ଅଲ୍ଲି ମେହେର, ନଠୁଆର ବିଭୁତି ଦେହୁରୀ, ଝିଲ୍ଲୀର ବସନ୍ତ ବେହେରା ଏହି ନବାନ୍ନ ଉତ୍ସବରେ ଭାଗ ନେଇଥିଲେ। ସନ୍ଧ୍ୟାରେ ଝାଡଦୀପ ପ୍ରଜ୍ୱଳନ କରାଯାଇ ଘୃତାହୁତି ଦିଆଯାଇଥିଲା।

## ଆନ୍ଦୋଳନରେ ଜେଲ କର୍ମଚାରୀ

କାମାକ୍ଷାନଗର,୨୫।୯(ସୁଧୀର କୁମାର ପରିଡ଼ା)

୫ ଦଫା ଦାବିରେ ରାଜ୍ୟ ଜେଲ କର୍ମଚାରୀ ସଂଘର ଡାକରାକ୍ରମେ କାମାକ୍ଷାନଗର ଜେଲ୍ କର୍ମଚାରୀମାନେ ୧୩ ତାରିଖରୁ କଳା ବ୍ୟାଜ୍ ପରିଧାନ କରି ଚଳାଇଥିବା ଆନ୍ଦୋଳନ ଜାରି ରହିଛି। ସରକାର ସେମାନଙ୍କ ଦାବି ପୂରଣ ଦିଗରେ କର୍ଣ୍ଣପାତ କରୁ ନ ଥିବାରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କାମାକ୍ଷାନଗର ଜେଲ ୱାର୍ଡରମାନେ ସୋମବାର ଆମରଣ ଅନଶନ ଆରମ୍ଭ କରିଛନ୍ତି। ୱାର୍ଡରମାନଙ୍କ ଗ୍ରେଡ ପେ ୧୯୦୦ ରୁ ୨୦୦୦ ଟଙ୍କା ଓ ମୁଖ୍ୟ ୱାର୍ଡରମାନଙ୍କ ୨୦୦୦ରୁ୨୪୦୦ ଟଙ୍କାକୁ ବୃଦ୍ଧି, ଉପଖଣ୍ଡସ୍ତରର ବଦଳି କୋହଳ, ଖାଦ୍ୟ ଭତ୍ତା ୪୦୦ ରୁ ୧୪୦୦କୁ ବୃଦ୍ଧି, ୧୩ ମାସିଆ ଦରମା ବୃଦ୍ଧି କରିବା ଆଦିରେ ଜେଲ୍ କର୍ମଚାରୀମାନେ ଅନଶନ କରିଛନ୍ତି। ଦାବି ପୂରଣ ନ ହେବା ଯାଏ ଅନଶନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନଶନରେ ସନାତନ ମଲ୍ଲିକ, ଶିରିଶ ଚନ୍ଦ୍ର ନାୟକ, ଗୀତାଞ୍ଜଳି ନାଏକ, ମନୋରମା ନାୟକ, ରାଜକିଶୋର ପ୍ରଧାନ, ରାଜୀବ ଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କାମାକ୍ଷାନଗର ଜେଲ କର୍ମଚାରୀମାନେ ଆମରଣ ଅନଶନ ଚଳାଇଛନ୍ତି।

## ହାତୀ ଉପଦ୍ରବ ରୋକିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ, ୨୫।୯
(ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ବନ୍ତଳା ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ମାତ୍ର କେଇ ମାସ ମଧ୍ୟରେ ଏକାଧିକ ଲୋକଙ୍କ ଜୀବନ ହାତୀ ନେଇଥିବାରୁ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ତେଣୁ ହାତୀ ଉପଦ୍ରବ ରୋକିବାକୁ ବନ୍ତଳା ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଅନୁଗୋଳ ଜିଲା ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ହାତୀ ଉପଦ୍ରବ କାରଣରୁ ବହୁ କୋଟି ଟଙ୍କାର ଫସଲ ହାନି ହୋଇଛି। ୨୯ ଜଣଙ୍କ ଜୀବନ ମଧ୍ୟ ଅକାଳରେ ଚାଲିଯାଇଛି। ୧୦ ଜଣ ବିକଳାଙ୍ଗ ହୋଇଛନ୍ତି। ତେଣୁ ହାତୀ ଉପଦ୍ରବରୁ କିପରି ଜନବସତିକୁ ସୁରକ୍ଷା ଦିଆଯିବ ତାହାର ବ୍ୟବସ୍ଥା କରାଯାଉ। ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଅଞ୍ଚଳବାସୀ ସମସ୍ୟାରେ ପଡୁଛନ୍ତି। କେନ୍ଦ୍ରମନ୍ତ୍ରୀ ଦାବିପତ୍ର ଗ୍ରହଣ କରିବା ସହ ଏ ନେଇ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଅବଗତ କରାଇବା ସହ ପ୍ରତିକାର ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ମଞ୍ଚ ସଭାପତି ମହେଶ ସାହୁ, କାର୍ଯ୍ୟକାରୀ ସଭାପତି ତପନ ଦେହୁରୀ, ଉପସଭାପତି ଦୁର୍ଗାଚରଣ ପ୍ରଧାନ, ସଂଯୋଜକ ଲକ୍ଷ୍ମଣ ସାହୁ, ପ୍ରଶନ୍ନ ନାଏକ, ଉପଦେଷ୍ଟା ହାଡ଼ିବନ୍ଧୁ ଦେହରୀ ପ୍ରମୁଖ କହିଛନ୍ତି।

## ସରପଞ୍ଚ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

କାମାକ୍ଷାନଗର,୨୫।୯(ଅମଜାଦ ଖାନ୍)

ସାରା ଓଡ଼ିଶାରେ ସରପଞ୍ଚ ମହାସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏହି କ୍ରମରେ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛି କାମାକ୍ଷାନଗର ସରପଞ୍ଚ ସଂଘ। କାମାକ୍ଷାନଗର ବ୍ଲକର ସମସ୍ତ ସରପଞ୍ଚ ବିଡିଓ ଅଭିନାଶ ପାଣ୍ଡିଆଙ୍କଠାରୁ ନିଜ ନିଜର ଡିଏସ୍‌ସି ନେଇଯାଇଛନ୍ତି। ବ୍ଲକ କନଫରେନ୍ସ ହଲରେ ବିଡିଓ ପାଣ୍ଡିଆ ଏବଂ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ସହିତ ସମସ୍ତ ସରପଞ୍ଚଙ୍କ ଆଲୋଚନା ହୋଇଥିଲା। ସରକାର ସରପଞ୍ଚଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ସେମାନେ ପଞ୍ଚାୟତର କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ମହାସଂଘର ବ୍ଲକ ସଭାପତି ଶିଶିରକାନ୍ତ ବେହେରା କହିଛନ୍ତି। ଯଥାଶୀଘ୍ର ଏହାର ସମାଧାନ ହେବା ଉଚିତ୍ ବୋଲି ବିଡିଓ ଅଭିନାଶ ପାଣ୍ଡିଆ କହିଛନ୍ତି। ସରପଞ୍ଚମାନଙ୍କ ସହଭାଗିତାରେ ପଞ୍ଚାୟତର କାର୍ଯ୍ୟ ପରିଚାଳିତ ହୋଇଥାଏ ବୋଲି ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ କହିଛନ୍ତି। ସୋମବାର ସନ୍ଧ୍ୟାରେ ସଚିବାଳୟଠାରେ ସରକାରଙ୍କ ସହିତ ସରପଞ୍ଚ ସଂଘର ଆଲୋଚନା ବିଫଳ ହୋଇଥିବା ବାଉଁଶପାଳ ସରପଞ୍ଚ ତଥା ରାଜ୍ୟ ସମ୍ପାଦିକା ସନ୍ଧ୍ୟାରାଣୀ ଷେଣ୍ଢ ସୂଚନା ଦେଇଛନ୍ତି।



## ଶୃଙ୍ଖଳିତ ଜୀବନ ଉପରେ ଗୁରୁତ୍ୱାରୋପ

ଢେଙ୍କାନାଳ,୨୫।୯(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ନଡ଼ିଆଳସ୍ଥିତ ବାଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କବାଡି, ଖୋଖୋ ଓ ଫୁଟବଲ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକର ୧୪ରୁ ୧୭ବର୍ଷରୁ କମ୍ ବାଳିକାବାଳିକଙ୍କୁ ନେଇ ବି.ବି. ହାଇସ୍କୁଲ ଜୋନ୍, ଗୋବିନ୍ଦପୁର ଜୋନ୍, ଭାପୁର ଜୋନ୍ ଓ କାଇମାଟି ଜୋନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଯୋଗଦେଇ ଶାରୀରିକ ବିକାଶ ସହିତ ଶୃଙ୍ଖଳିତ ଜୀବନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଫିରୋଜ କୁମାର ସାହୁ, ସମିତି ସଭ୍ୟା ସନ୍ଧ୍ୟାରାଣୀ ବେହେରା, ଜିଲା ପରିଷଦ ସଦସ୍ୟା ଦୀପ୍ତିମୟୀ ଜେନା, ବ୍ରଜକିଶୋର ବେହେରା, ବାବୁଲିପଟ୍ଟନାୟକ, ନରେଶ ମହାରଣା, ଅକାରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ବ୍ଲକ କ୍ରୀଡା ସମ୍ପାଦକ ସୁଶୀଲ କୁମାର ପଣ୍ଡା ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ ପଣ୍ଡା ଧନ୍ୟବାଦ ଦେଇଥିଲେ। ଉମେଶ ଚନ୍ଦ୍ର ଦାସ, ବିଦୁର ରାଉତ, ଅମୀୟ ଧଳ, ଜୟନ୍ତୀ ବେହେରା, ସରିତା ବିଶ୍ୱାଳ, ପ୍ରଦୀପ୍ତ ଦଳେଇ, ରଶ୍ମିତା ମାଝି, ଜନସନ ବରାଳ, ପ୍ରଦୋଷ ଜେନା, ଦିପ୍ତୀ କୁମାର ମହାରଣା, ରଞ୍ଜନ ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ। ଅଚ୍ୟୁତାନନ୍ଦ ସାହୁ, ପବିତ୍ର ପରିଡା, ଅନିରୁଦ୍ଧ ବେହେରା, ପ୍ରହଲାଦ ସାହୁ, ପୁଷ୍ପଲତା ସାହୁ, ମଧୁସ୍ମିତା ବେହେରା, ରମେଶ ବାରିକ ପ୍ରମୁଖ ସହଯୋଗ କରିଥିଲେ।





ବ୍ଲକସ୍ତରୀୟ କବାଡି, ଖୋଖୋ ଓ ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ମଞ୍ଚରେ ଅତିଥିମାନେ।

## ନୂତନ ଚିକିତ୍ସା ଅଧିକାରୀଙ୍କ ଯୋଗଦାନ



ଆଠମଲ୍ଲିକ,୨୫।୯(ଉଦୀପ୍ତ କୁମାର ପୁରୋହିତ)

ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ସୋମବାର ଡା. ଅଶୋକ କୁମାର ମଲ୍ଲିକ ନୂତନ ଚିକିତ୍ସା ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ପୂର୍ବରୁ ଏଠାରେ ଭାରାପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଅନିଲ କୁମାର ଦେଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଡା. ମଲ୍ଲିକ ପୂର୍ବରୁ କୋରାପୁଟ ଡାକ୍ତରଖାନାରେ କାର୍ଯ୍ୟରତ ଥିଲେ। ଡାକ୍ତରଖାନାରେ ଲାଗି ରହିଥିବା ସମସ୍ୟାର ସମାଧାନ କରାଯିବ ବୋଲି ଅଶୋକ ପ୍ରକାଶ କରିଛନ୍ତି।

## ପଟ୍ଟା ପ୍ରଦାନ ଦାବିରେ ତହସିଲ ଅଫିସ ଘେରାଉ

କାମାକ୍ଷାନଗର,୨୫।୯
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ଶତାଧିକ ମହିଳା ଗୁଣ୍ଡିକିଆ ପଟ୍ଟା ଦାବିରେ ସୋମବାର ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ବ୍ଲକର କନ୍ତିଓପୁଟସାହି, କନ୍ତିଓକାଟେଣୀ, ମାଳପୁରା ଛେଳିଆବେଡା, ପଲ୍ଲୀ ଆଦି ୧୫ ଗ୍ରାମର ଶତାଧିକ ଲୋକ ପଟ୍ଟା ପାଇଁ ୨୦୧୭ ମସିହାରୁ ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ୨୦୨୨ ସେପ୍ଟେମ୍ବର ୨୫ରେ ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ୧ ବର୍ଷ ବିତିଯାଇଥିବାବେଳେ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆ ନ ଯିବାରୁ ଉର୍ବଶୀ ନାୟକଙ୍କ ନେତୃତ୍ୱରେ ସତ୍ୟବତୀ ଦେହୁରୀ, କବିତା ମହାରଣା, ଜୟନ୍ତୀ ବାରିକଙ୍କ ସମେତ ବହୁ ମହିଳା ତହସିଲ ଅଫିସ ଘେରାଉ କରିଥିଲେ। ଖବରପାଇ କାମାକ୍ଷାନଗର ତହସିଲଦାର ଓମ୍ ପ୍ରକାଶ ମହାନ୍ତି ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ଉପଯୁକ୍ତ ଲୋକଙ୍କୁ ଚିହ୍ନଟ କରି ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ମହିଳାମାନେ ତହସିଲ ଅଫିସ ଘେରାଉ କରିଛନ୍ତି।

## ସ୍ୱଚ୍ଛତାକୁ ଭୁଲିଗଲେ ରେଳଷ୍ଟେଶନ କର୍ତ୍ତୃପକ୍ଷ

ଢେଙ୍କାନାଳ,୨୫।୯(ରତନ ନାୟାର)

ଢେଙ୍କାନାଳ ରେଳ ଷ୍ଟେଶନରେ ରବିବାର ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତାମାନେ ଯୋଗ ଦେଇଥିବା ବେଳେ ଜନସାଧାରଣଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ପରେ ସାଧାରଣ ଲୋକଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଖାଇସାରିବା ପରେ କେତେଜଣ ଲୋକ ୧ନଂ. ପ୍ଲାଟଫର୍ମ ଉପରେ ଅଇଁଠା ଖଲି ଫୋପାଡ଼ି ଦେଇଥିଲେ। ଫଳରେ ସୋମବାର ପ୍ଲାଟଫର୍ମରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଏହାକୁ ନେଇ ସକାଳେ ଟ୍ରେନ୍‌ରେ ଯିବାରୁ ଅପେକ୍ଷାରତ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଭିନ୍ନ ସମୟରେ ଷ୍ଟେଶନ କର୍ତ୍ତୃପକ୍ଷ ସ୍ୱଚ୍ଛତା କାର୍ଯ୍ୟକ୍ରମ ମାଧ୍ୟମରେ ଯାତ୍ରୀଙ୍କୁ ଓ କର୍ମଚାରୀମାନଙ୍କୁ ସଚେତନ କରୁଥିବା ବେଳେ ସୋମବାର ଦୁର୍ଗନ୍ଧମୟ ପରିବେଶ ଅନେକଙ୍କୁ ଚକିତ କରିଥିଲା। ଏ ସଂକ୍ରାନ୍ତରେ ଢେଙ୍କାନାଳ ରେଳ ଷ୍ଟେଶନ ମ୍ୟାନେଜର ମନୋଜ କୁମାର ପାଣ୍ଡେ କହିଛନ୍ତି, ୨ଜଣ ସଫେଇ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କର ଦେହ ଖରାପ ଥିବାରୁ ସେ ଆସିପାରି ନ ଥିଲେ। ଅନ୍ୟଜଣଙ୍କୁ ଡକାଇ ସଫେଇ କରାଯାଇଥିଲା। ଆଗାମୀ ଦିନରେ ସଫେଇ ବ୍ୟବସ୍ଥାକୁ ଠିକା ସଂସ୍ଥାକୁ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।



ରେଳଷ୍ଟେଶନରେ ଅଇଁଠା ଖଲି ଚଉପଦି ପଡିରହିଛି।

## ମିଥ୍ୟା ମାମଲା ପ୍ରତ୍ୟାହାର ଦାବି

ଢେଙ୍କାନାଳ,୨୫।୯(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ପଞ୍ଚାୟତର କଲୋନି ସାହିରେ ରହୁଥିବା ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକଙ୍କ ବିରୋଧରେ ନିକଟରେ ଥିବା ରୁଙ୍ଗଟା କମ୍ପାନୀ ମିଥ୍ୟା ମାମଲା ରୁଜୁକରିଥିବା ଅଭିଯୋଗ ହୋଇଛି। ଏ ନେଇ କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ସମତାକ୍ରାନ୍ତି ଦଳ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଉକ୍ତ ଅଞ୍ଚଳ ପରିଦର୍ଶନ କରିବା ପରେ ହୋଇଥିବା ମାମଲାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଲୋକମାନଙ୍କ ଜମିକୁ କମ୍ପାନୀର ରାସ୍ତା ପାଇଁ ବେଆଇନ ଭାବେ ବିକ୍ରିକରି କବଲା କରିଦିଆଯାଇଥିଲା। ଜମି ଦେଇଥିବା ସମସ୍ତ ପରିବାରଙ୍କୁ ନିଯୁକ୍ତି ଦିଆଯିବ ବୋଲି ସେହି ସମୟରେ କମ୍ପାନୀ ପକ୍ଷରୁ କୁହାଯାଇଥିଲା।



ଇତିମଧ୍ୟରେ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଅଞ୍ଚଳବାସୀଙ୍କ ପରିବାରରୁ କାହାରିକୁ କମ୍ପାନୀ ନିଯୁକ୍ତି ଦେଇନାହିଁ। ବାରମ୍ବାର ଅଭିଯୋଗ ଦିଆଯିବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ରାସ୍ତା ପାଇଁ ଅଧିଗ୍ରହଣ ହୋଇଥିବା ଜମିରେ କମ୍ପାନୀର ଯାତାୟତ ପାଇଁ କୌଣସି ସମସ୍ୟା ନ ଥିଲା। ତଥାପି ଗତ ୩ ତାରିଖ ରାତିରେ କମ୍ପାନୀର ସୁରକ୍ଷା ଅଧିକାରୀ ମୋଟଙ୍ଗା ଥାନାରେ ୩୦୭ ଭଳି ଦଫା ଲଗାଇ ୪୦ ଜଣଙ୍କ ନାମରେ ମାମଲା ରୁଜୁ କରାଇଥିଲେ। ରାତିରେ ଗାଁରେ ଗାଁରେ ପଶି ଗିରଫ କରିବା ଏବଂ ୩ଜଣ ଅନୁସୂଚିତ ଜାତି ପିଲାଙ୍କୁ ନେଇ ଥାନାରେ ମାଡ ମରାଯାଇଛି। ଏପରି ଘଟଣା ସମ୍ପର୍କରେ ଖବରପାଇ କଂଗ୍ରେସ ମୁଖପାତ୍ର ନିର୍ମଳ ମିଶ୍ର, ପ୍ରେମଶଙ୍କର ମିଶ୍ର, ସିପିଆଇ(ଏମ୍)ର ରାଜ୍ୟ କମିଟି ସଦସ୍ୟ ବଦ୍ରି ନାରାୟଣ ଦାସ, ଜିଲା ଆବାହକ ସର୍ବଜ୍ଞ ସାହୁ, କୃଷକ ନେତା ଅଶୋକ ପୃଷ୍ଟି, ସନ୍ତୋଷ ବେହେରା, ସିପିଆଇର ବରିଷ୍ଠ ନେତା ରବି ରଥ, ସମତାକ୍ରାନ୍ତି ଯୁବନେତା ସରୋଜ ଶତପଥୀ, ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ସୋମବାର ମେରାମଣ୍ଡଳୀ କଲୋନି ସାହିରେ ପହଞ୍ଚି ଜମିହରା ପରିବାର ଓ ମିଥ୍ୟା ମାମଲାରେ ଜଡ଼ିତ କରାଯାଇଥିବା ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା କାର୍ଯ୍ୟକ୍ରମରେ ପ୍ରିୟ ନାୟକ ସଭାପତିତ୍ୱ କରିଥିଲେ। ତୁରନ୍ତ ଅଞ୍ଚଳବାସୀଙ୍କ ନାମରେ କମ୍ପାନୀ ପ୍ରାୟୋଜିତ ମିଥ୍ୟା ମାମଲା ରୁଜୁ କରିବା ବନ୍ଦ କରିବାକୁ ଦାବି କରାଯାଇଥଲା। ଏ ସଂକ୍ରାନ୍ତରେ କମ୍ପାନୀର ଡିଜିଏମ୍ ଏ.କେ. ଦାସ କହିଛନ୍ତି, ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରହିଛି। ଗ୍ରାମବାସୀ ସହଯୋଗ କଲେ ସମସ୍ୟା ସମାଧାନ ହୋଇପାରିବ।

## ସଂକ୍ଷେପରେ

### ବାଜି ରାଉତ ଉଦ୍ୟାନରେ ୬ ହାତୀ

ଭୁବନ,୨୫।୯(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳର ନୀଳକଣ୍ଠପୁର ଗ୍ରାମ ନିକଟରେ ଥିବା ସର୍ବକନିଷ୍ଠ ଶହୀଦ ବାଜି ରାଉତ ଉଦ୍ୟାନରେ ସୋମବାର ୬ଟି ହାତୀ ପଶି ଉପଦ୍ରବ ଚଳାଇଛନ୍ତି। ଏହି ହାତୀପଲ ବ୍ରାହ୍ମଣୀ ନଦୀ ପାର ହୋଇ ଗଁଦିଆ ବନାଞ୍ଚଳରୁ ଭୁବନ ଅଞ୍ଚଳକୁ ପଳାଇ ଆସିଛନ୍ତି। ରବିବାର ରାତିରେ ହାତୀପଲ ପ୍ରଥମେ କଣପାଳ ଆମ୍ବ ବଗିଚାରେ ରହିଥିଲେ। ସୋମବାର ନୀଳକଣ୍ଠପୁର ଗ୍ରାମର ମଧ୍ୟଭାଗରେ ଥିବା ଆମ୍ବ ବଗିଚାକୁ ପଳାଇ ଆସିଥିଲେ। ଅଧିକାଂଶ ସମୟରେ ହାତୀ ରହୁଥିବା ସ୍ଥାନ ନିକଟରେ ସାଧାରଣ ଲୋକଙ୍କ ଚଲାପଥ ହୋଇଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ତୁରନ୍ତ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି କହିଛନ୍ତି, ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବାରୁ ହାତୀପଲ ନଦୀ ପାର ହୋଇ ଯାଇ ନ ପାରି ପଠାରୁ ଫେରି ଆସିଛନ୍ତି।

# ଖଣି ଖୋଲିବା, ନିଯୁକ୍ତି ଦାବିରେ ଧାରଣା

କାମାକ୍ଷାନଗର,୨୫।୯
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା କାଠପାଳସ୍ଥିତ ଫେକର ବେଦାନ୍ତ କମ୍ପାନୀ ସମ୍ମୁଖରେ ସୋମବାର ଆଞ୍ଚଳିକ କ୍ରୋମାଇଟ ଖଣି କମିଟି ସଦସ୍ୟମାନଙ୍କ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଖବରପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

କମିଟି ପକ୍ଷରୁ କୁହାଯାଇଛି, ଏଠାରେ ଥିବା କ୍ରୋମାଇଟ୍ ଖଣି ପ୍ରାୟ ୧୦ ବର୍ଷ ହେଲଣ ବନ୍ଦ ରହିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ବିରାଶାଳ, ମରୁଆବିଲ, ରାଇବୋଲ, ମକୁଆକାଟେଣୀ, ବାଲିକୁମା, ବାଟଗାଁ ଆଦି ୬ ପଞ୍ଚାୟତବାସୀ ରୋଜଗାର ହରାଇଛନ୍ତି। ଏ ନେଇ ଫେକର ଓ ବେଦାନ୍ତ ସହ ଅନେକଥର ବୈଠକ ହୋଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଏହାର ପ୍ରତିବାଦରେ କମିଟିର ଶତାଧିକ ସଦସ୍ୟ ହାଟ ପଡିଆରୁ ବିଶାଳ ଶୋଭାଯାତ୍ରାରେ ବାହାରି କମ୍ପାନୀ ସମ୍ମୁଖରେ ଗଣ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲା। କାମାକ୍ଷାନାଗାର ଉପଜିଲାପାଳ ନାରାୟଣ ନାୟକ, ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, କଙ୍କଡ଼ାହାଡ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଉପଜିଲାପାଳ ନାରାୟଣ ନାୟକ କହିଛନ୍ତି, ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରାଯାଇଥିଲା। ଆସନ୍ତା ୧୦ ଦିନ ମଧ୍ୟରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ କମ୍ପାନୀ କର୍ତ୍ତୃପକ୍ଷ, ଆନ୍ଦୋଳନକାରୀ ତଥା କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏହାପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।



ଆଞ୍ଚଳିକ କ୍ରୋମାଇଟ ଖଣି କମିଟି ସଦସ୍ୟମାନେ ଧାରଣା ଦେଇଛନ୍ତି।

# ରକ୍ତଦାନ ଶିବିର ଉଦ୍‌ଘାଟିତ

ଛେଣ୍ଡିପଦା,୨୫।୯(ଅଜିତ ଧଳା.)

ଛେଣ୍ଡିପଦା ବ୍ଲକ ପରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଥମେ ମା’ ମାହେଶ୍ୱରୀଙ୍କ ଦର୍ଶନ କରିଥିଲେ। ଏହାପରେ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ଜିଲା ପ୍ରଭାରୀ ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝି, ଜିଲା ଉପ ସଭାପତି ଚୌଧୁରୀ ପ୍ରଧାନ, ଅମିୟ ତ୍ରିପାଠୀ, ବିଧାନସଭା ସଂଯୋଜକ ଯଶୋବନ୍ତ ପ୍ରସାଦ ବେହେରା, ବିଧାନସଭା ପ୍ରଭାରୀ ଦିଲୀପ ପ୍ରଧାନ, ପରଙ୍ଗ ସରପଞ୍ଚ ଶବର ବେହେରା, ବିଧାନସଭା ଆଇଟି ସେଲ ସଂଯୋଜକ ଅକ୍ଷୟପାଦ ବେହେରା, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ଜଗଦୀଶ ସାହୁ, ଜିଲା ମିଡିଆ ସେଲ ସଂଯୋଜକ ଯୁଗଳ କିଶୋର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରକ୍ତଦାତାମାନଙ୍କୁ ଉତ୍ସାହିତ କରୁଛନ୍ତି।

# ସେବା କାର୍ଯ୍ୟରେ ନିୟୋଜିତ ହେବାକୁ ପରାମର୍ଶ


ବାଜି ରାଉତ କଲେଜ ପରିସରରେ ଜାତୀୟ ସେବା ଦିବସ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଭୁବନ,୨୫।୯(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜ ପରିସରରେ ସୋମବାର ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। କଲେଜର ଓଡ଼ିଆ ବିଭାଗ ବରିଷ୍ଠ ଅଧ୍ୟାପକ ବାସୁଦେବ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଅଜିତ କୁମାର ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜକୁ ସେବା କାର୍ଯ୍ୟରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଭାଗ ଅଧ୍ୟାପକ ହୃଦାନନ୍ଦ ବେହେରା, ଓଡ଼ିଆ ବିଭାଗ ଅଧ୍ୟାପକ କରୁଣାକର ରାଉଳ, ବରିଷ୍ଠ କିରାଣି କୈଳାସଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ବରିଷ୍ଠ ଗ୍ରନ୍ଥାଗାରିକ ନନ୍ଦକିଶୋର ଧୀର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର ପରିଚାଳକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ କଲେଜ ପରିସର ସଫେଇ କରାଯାଇଥିଲା।

# ଭାରସାମ୍ୟ ହରାଇ ଗଛରେ ପିଟିହେଲା ଟ୍ରକ୍

କାମାକ୍ଷାନଗର,୨୫।୯
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରିଡାମାଳି ବାଇପାସ ନିକଟରେ ସୋମବାର ମଧ୍ୟାହ୍ନରେ ଭାରସାମ୍ୟ ହରାଇ ଏକ ଟ୍ରକ୍ ଗଛରେ ପିଟି ହୋଇ ରାସ୍ତା ତଳକୁ ଖସିପଡିଛି। ଫଳରେ ଡ୍ରାଇଭର ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାପଡ଼ିଛି, କାମାକ୍ଷାନଗରରୁ ଏକ ଖାଲି ୧୦ ଚକିଆ ଟ୍ରକ୍ କଙ୍କଡାହାଡ ଯାଉଥିବାବେଳେ ଜିରିଡାମାଳି ନିକଟରେ ଥିବା ବାଇପାସଠାରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଡ୍ରାଇଭରଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଗାନ୍ଧୀ ଜୟନ୍ତୀକୁ ଅଧିକ ସରସ ସୁନ୍ଦର କରାଯିବ

କାମାକ୍ଷାନଗର,୨୫।୯(ଅମଜାଦ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବାପୁ ମନ୍ଦିର ନ୍ୟାସ ଓ ପୂଜ୍ୟପୂଜା ସଙ୍ଗଠନ ତରଫରୁ ଆସନ୍ତା ଅକ୍ଟୋବର ୨ରେ ବଡସୁଆଁଳ ପଞ୍ଚାୟତ ଗୋଡି ପୋଖରୀ ଗ୍ରାମଠାରେ ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏ ନେଇ ରବିବାର ଗୋଡି ପୋଖରୀ ଗ୍ରାମ ଉ.ପ୍ରା. ବିଦ୍ୟାଳୟରେ ଗ୍ରାମବାସୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ବସିଥିଲା। ସ୍ଥାୟୀ ସଭାପତି ଅରବିନ୍ଦକାନ୍ତ ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ଏହି ପଞ୍ଚାୟତରେ ବସବାସ କରୁଥିବା ଜୁଆଙ୍ଗ ଆଦିମ ଜନଜାତି ସମ୍ପ୍ରଦାୟର ଲୋକମାନଙ୍କୁ ଗୁରୁତ୍ୱ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସଙ୍ଗଠନ ସମ୍ପାଦକ ମାୟାଧର ପାଣି, ଶ୍ରୀରାମ ରାଉତ, ମଙ୍ଗତଲାଲ କଟରୁକା, ନିରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ, ରଶ୍ମିରଞ୍ଜନ ଖୁଣ୍ଟିଆ, ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ସେହି ପଞ୍ଚାୟତର ଚକାପାଳ, ମହୁପାଳ, କନ୍ଧବୋଲ, ତୁଳସୀପଶି ଆଦି ଗ୍ରାମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଚଳିତବର୍ଷ ଏହି କାର୍ଯ୍ୟକ୍ରମକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଚେଷ୍ଟା କରାଯିବ ବୋଲି ପଞ୍ଚାୟତ ପ୍ରତିନିଧିମାନେ ମତ ଦେଇଛନ୍ତି।


କାମାକ୍ଷାନଗର ବାପୁ ମନ୍ଦିର ନ୍ୟାସ ଓ ପୂଜ୍ୟପୂଜା ସଙ୍ଗଠନ ତରଫରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# କୂଅରୁ ଷଣ୍ଢ ଉଦ୍ଧାର ବେଳେ ୩ ଗୁରୁତର

ଛେଣ୍ଡିପଦା,୨୫।୯(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବସନ୍ତପୁର ଗ୍ରାମରେ ସୋମବାର ସକାଳେ ଏକ କୂଅରେ ଖସିପଡ଼ିଥିବା ଷଣ୍ଢକୁ ଉଦ୍ଧାର କରିବାବେଳେ ଅତଡ଼ା ଖସିବାରୁ ୨ ଅଗ୍ନିଶମ କର୍ମଚାରୀ ଓ ଜଣେ ସ୍ଥାନୀୟ ଯୁବକ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ବସନ୍ତପୁର ଗ୍ରାମର ରାମଚନ୍ଦ୍ର ଦେହୁରୀଙ୍କ କୂଅରେ ଏକ ଷଣ୍ଢ ପଡିଯାଇଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଷଣ୍ଢକୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। କୂଅ ଚାରିପଟେ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ଏହି ସମୟରେ କୂଅର ଗୋଟିଏ ପାର୍ଶ୍ୱ ଦବିଯିବା ସହ ଅତଡ଼ା ଖସିପଡ଼ିବାରୁ



ଅଗ୍ନିକ ବାବୁଲି ବେହେରା, ଅଖିଳ ସାମଲ ଓ ଜଗା ସାହୁ ଗୁରୁତର ହୋଇଥିଲେ। ମାଟିରେ ପୋତି ହୋଇ କୂଅ ଭିତରେ ଥିବା ଷଣ୍ଢଟିର ମୃତ୍ୟୁ ହୋଇଯାଇଥିଲା। ଅଗ୍ନିଶମ ବିଭାଗର ଅନ୍ୟ କର୍ମଚାରୀମାନେ ଗୁରୁତରଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଜେସିବି ମେସିନ ସାହାଯ୍ୟରେ କୂଅରୁ ମୃତ ଷଣ୍ଢକୁ ଉଦ୍ଧାର କରାଯାଇ ପୋତି ଦିଆଯାଇଥିଲା।

# ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା



ଥାନା ସମ୍ମୁଖରେ ଛାତ୍ରୀଛାତ୍ରମାନେ ନାଟକ ପ୍ରଦର୍ଶନ କରୁଛନ୍ତି।

କାମାକ୍ଷାନଗର,୨୫।୯(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ବିରାଶାଳ ସ୍ଥିତ ସଂସ୍କାର ପବ୍ଲିକ ସ୍କୁଲ ତରଫରୁ ସୋମବାର ସଡ଼କ ସୁରକ୍ଷା ସଚେତନତା ଓ ସ୍ୱଚ୍ଛ ଭାରତ ଅଭିଯାନର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ କିଭଳି ସୁରକ୍ଷିତ ଭାବେ ଗାଡି ଚଳାଇବା ସହ ସହରକୁ ସ୍ୱଚ୍ଛ ରଖି ହେବ ସେ ବିଷୟରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର, ସବ୍ ଇନ୍ସପେକ୍ଟର ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଥାନା ସମ୍ମୁଖରେ ସଡକ ସୁରକ୍ଷା ଉପରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ୭୯୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କାମାକ୍ଷାନଗର,୨୫।୯(ଅମଜାଦ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାମ ହାଇସ୍କୁଲ ପଡ଼ିଆରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ବିକାଶ ଫାଉଣ୍ଡେଶନ’ ତରଫରୁ ରବିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଖପାଖ ଅଞ୍ଚଳର ୭୯୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବିନା ମୂଲ୍ୟରେ ଔଷଧ ବଣ୍ଟନ କରାଯାଇଥିଲା। ୮ ଜଣ ଡାକ୍ତର ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମୁଖ୍ୟ ଅତିଥି ଭାବେ ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦଳା ଟି. ପ୍ରଧାନ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ବଳଭଦ୍ର ସାହୁ, ନାଉରୀ ସିଂ, ସନାତନ ସାହୁ, ବାମ ପଞ୍ଚାୟତ ସରପଞ୍ଚ ଫକୀର ଚରଣ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ମାତାପିତା ସହଭାଗିତା ବୈଠକ

ଢେଙ୍କାନାଳ,୨୫।୯
(ରତନ ନାୟାର)

ଢେଙ୍କାନାଳ ସହର ୮ନଂ. ୱାର୍ଡ ମହିଷାପାଟ ଆଶ୍ରମ ସ୍କୁଲ୍ ପରିସରରେ ଶିକ୍ଷକ ଓ ମାତାପିତା ସହଭାଗିତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସାଦ ପରିଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁପ୍ରଭା ସେଠୀ, ସମ୍ମାନିତ ଅତିଥି ଭାବେ ଲିଲି ରାଉତ, ଅଙ୍କୁର ମିଶ୍ର, ଭଗବାନ ବେହେରା, ଆକୁଳନନ୍ଦ ପୃଷ୍ଟି, ପ୍ରତାପ ନାୟକ, ପ୍ରଭାକର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ସସ୍ମିତା ନାୟକ, ମାମିନା ସାହୁ, ଅଭୟ କୁଣ୍ଡ, କମଳକାନ୍ତ ନାୟକ, ଶାନ୍ତିଲତା ଭୋଇ, ସିନିଗା ମୁର୍ମୁ, ପ୍ରଶାନ୍ତ ପ୍ରଧାନ, ଜୟଦେବ ପ୍ରଧାନ ଓ ବବିତା ସେଠୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ନାରାୟଣ ପଣ୍ଡା ସଭା ପରିଚାଳନା କରିଥିଲେ।



ମହିଷାପାଟ ଆଶ୍ରମ ସ୍କୁଲ୍‌ରେ ମାତାପିତା ସହଭାଗିତା ବୈଠକରେ ମଞ୍ଚାସୀନ ଅତିଥିମାନେ।

# ବିକାଶ ୟୁଥ୍ କ୍ଲବ ପକ୍ଷରୁ ରଜତ ଜୟନ୍ତୀ

ଢେଙ୍କାନାଳ,୨୫।୯(ରତନ ନାୟାର)

ଢେଙ୍କାନାଳ ଖମାରସାହିସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ବିକାଶ ୟୁଥ୍ କ୍ଲବର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରଜତ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଶୁକ୍ରବାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସୁଧୀର କୁମାର ସାମଲ ଅଞ୍ଚଳର ସାମୂହିକ ବିକାଶ ପାଇଁ ଏହି କ୍ଲବ ପ୍ରୟାସ କରୁଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରଦ୍ୟୁମ୍ନ ପଣ୍ଡା, ସାମାଜିକ କର୍ମୀ ଚକ୍ରଧର ନାୟକ, ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ମିଲିତବଜାର ଗଣେଶ ପୂଜା କମିଟି ସଭାପତି ସୁଧାଂଶୁ କୁମାର ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଖମାରସାହି ଅନ୍ନପୂର୍ଣ୍ଣା ଚାରିଟେବୁଲ ଟେମ୍ପୁଲ ଟ୍ରଷ୍ଟ ସଭାପତି ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୁଶାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ବସନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଟି ସୌରୀ, ତାରିକ ଅଜିଜ, ସାମାଜିକ କର୍ମୀ ଚକ୍ରଧର ରାଉତ, ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ, ଦୀପକ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସଭାପତି ପ୍ରଭାତ ସାହୁ, ସମ୍ପାଦକ ସର୍ବେଶ୍ୱର ପ୍ରଧାନ, ଉପସଭାପତି ସର୍ବେଶ୍ୱର ପତ୍ରି, କୋଷାଧ୍ୟକ୍ଷ ବଳରାମ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପଦେଷ୍ଟା ପ୍ରଶାନ୍ତ ବେହେରା, ପ୍ରଶାନ୍ତ ରାଉତ, ଭଗବାନ ବେହେରା, ବୁଦ୍ଧଦେବ ପ୍ରଧାନ, ହିମାଂଶୁ ସାହୁ, ଦୀପକ ବାରିକ, ବିଭୂତି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରବଚକ ପବିତ୍ର ମୋହନ ପ୍ରଧାନ ପ୍ରବଚନ ପ୍ରଦାନ କରିଥିଲେ। କଙ୍କଡାହାଡ ଗ୍ରାମ ବାଦୀ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।


ବିକାଶ ୟୁଥ୍ କ୍ଲବ ପକ୍ଷରୁ ରଜତ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**୨ ଟ୍ରକ ଧକ୍କା, ଚାଳକ ମୃତ**

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ୧୪୯ ନମ୍ବର ଜାତୀୟ ରାଜପଥର ଡେରାଗୋଳା ନିକଟରେ ରବିବାର ଏକ ଟ୍ରକକୁ ଅନ୍ୟ ଏକ ଟ୍ରକ୍ ପଛରୁ ଧକ୍କା ଦେଇଛି। ଫଳରେ ପଛରୁ ଧକ୍କା ଦେଇଥିବା ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଛତିଶଗଡ଼ ଜିଲାର ଉଦୟ ରଉତ। ପୋଲିସ କହିଛି, ଏକ କୋଇଲା ବୋଝେଇ ଟ୍ରକ୍ ତାଳଚେରରୁ ପାଇଲବହଡ଼ା ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଏ ନେଇ ସମଲ ଥାନାରେ ଟ୍ରକ୍ ଖଲାସିଙ୍କ ଅଭିଯୋଗକ୍ରମେ ନଂ. ୨୪୯/୨୦୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୀନଦୟାଳଙ୍କ ବଳିଦାନ ଉପରେ ଆଲୋକପାତ

କାମାକ୍ଷାନଗର,୨୫।୯ (ଅମଜାଦ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଦଶପୁର ପଞ୍ଚାୟତ ଗୁରୁଜାଙ୍ଗୁଲି ଗ୍ରାମରେ ଭାଜପା ମହାବିରୋଡ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସୋମବାର ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ବୈଠକରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିସ୍ତାରକ ବିଷ୍ଣୁପ୍ରସାଦ ବେହେରା, ପଙ୍ଗତିରା ସରପଞ୍ଚ କରୁଣାକର ସାହୁ, ସମ୍ପାଦକ ରସାନନ୍ଦ ସାହୁ, ସଞ୍ଜୟ ବିଶ୍ୱାଳ, ସୁଶୀଳ ସାହୁ, ସାରଥୀ ବିଶ୍ୱାଳ, ଦଶପୁର ସରପଞ୍ଚ ସୁଧୀର ପାଳ, ବୃନ୍ଦାବନ ସାହୁ ପ୍ରମୁଖ ଯୋଗଦେଇ ଦୀନଦୟାଲ ଉପାଧ୍ୟାୟଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଗୁରୁଜାଙ୍ଗୁଲି ଗ୍ରାମରେ ଦିନଦୟାଲ ଉପାଧ୍ୟାୟଙ୍କ ଜନ୍ମଦିବସ ପାଳନ କରାଯାଉଛି।

# ଲୋକନୃତ୍ୟରେ ଝୁମିଲେ ଦର୍ଶକ



**ଗଣେଶ ମେଳଣ ମହୋତ୍ସବର ୨ୟ ସନ୍ଧ୍ୟା**

ଭୁବନ,୨୫।୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଗଣେଶ ମେଳଣ ମହୋତ୍ସବର ସୋମବାର ୨ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଲୋକନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନମୋହିଛି। ଜିଲାର କୋଣ ଅନୁକୋଣରୁ ଲୋକକଳାର କଳାକାରମାନେ ଯୋଗଦେଇ ପାଲା, ଦାସକାଠିଆ, ଘୋଡାନାଚ, ଘୁମୁରା ବାଦ୍ୟ ଏବଂ ନୃତ୍ୟ ପରିବେଷଣ କରିଥିଲେ। ପରେ ଅଞ୍ଚଳର କୁନି କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମ ଦିନରେ ଅଞ୍ଚଳର କଳାକାରମାନଙ୍କ ପକ୍ଷରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ କୃତୀ କଳାକାରଙ୍କୁ ଆୟୋଜକ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଭୁବନ ବ୍ଲକର କଳାସଂସ୍କୃତି ପରିଷଦ ସଭାପତି ସଂଯୋଜନା କରିଥିଲେ। ରବିବାର ଗଣେଶ ମେଳଣ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସର୍ବଭାରତୀୟସ୍ତରୀୟ କାରିଗର ମୁରୁଲୀ କୁମାର ସାହୁ, ଅତିଥି ଭାବେ କନ୍ନଡ଼ ଚଳଚ୍ଚିତ୍ରର ପ୍ରଯୋଜକ ସଞ୍ଜୟ ପାତ୍ର ଯୋଗ ଦେଇଥିଲେ। ଜେନିଥ କ୍ଲବ ସଭାପତି ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ଚାରିଟେବୁଲ ଟ୍ରଷ୍ଟ ଉପସଭାପତି ବିନୋଦ କୁମାର ମହାରଣା ପରିଚାଳନା କରିଥିଲେ। ସମସ୍ତ ଗଣେଶ ପୂଜା କମିଟିର କର୍ମକର୍ତ୍ତା, ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରଥମ ସନ୍ଧ୍ୟାରେ ଅଞ୍ଚଳର ସମସ୍ତ କଳାକାରଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା।

# କାରାଗାର କର୍ମଚାରୀଙ୍କ ଆମରଣ ଅନଶନ

ଅନୁଗୋଳ,୨୫।୯(ଅମିତ ସାମଲ)

୫ ଦଫା ଦାବିରେ ଅନୁଗୋଳ ଜିଲା କାରାଗାର ସମ୍ମୁଖରେ କାରାଗାର କର୍ମଚାରୀମାନେ ଆମରଣ ଅନଶନ କରିଛନ୍ତି। ୱାର୍ଡରମାନଙ୍କ ଗ୍ରେଡ ପେ ୧୯୦୦ ରୁ ୨୦୦୦ ଟଙ୍କା ଓ ମୁଖ୍ୟ ୱାର୍ଡରମାନଙ୍କ ୨୦୦୦ରୁ୨୪୦୦ ଟଙ୍କା ବୃଦ୍ଧି, ଉପଖଣ୍ଡସ୍ତରର ବଦଳି କୋହଳ, ପୁରୁଣା ପେନସନ ନିୟମ ଲାଗୁ କରିବା, ମାସିକ ଖାଦ୍ୟ ଭତ୍ତା ୪୦୦ ରୁ ୧୪୦୦କୁ ବୃଦ୍ଧି, ୧୩ ମାସିଆ ଦରମା ବୃଦ୍ଧି କରିବା ଆଦି ଦାବିରେ ଅନଶନ ଚଳାଉଛନ୍ତି। ଅଖିଳ ଓଡ଼ିଶା କାରାଗାର କର୍ମଚାରୀ ମହାସଂଘ ଡାକରାକ୍ରମେ ଗତ ୧୩ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି କାରାଗାର କର୍ମଚାରୀମାନେ ପ୍ରତିବାଦ କରିଥିଲେ। ସରକାର ଦାବି ପୂରଣ ନ କରିବାରୁ ସୋମବାରଠାରୁ ସମଗ୍ର ଓଡ଼ିଶାରେ କାରାଗାର କର୍ମଚାରୀମାନେ ଆମରଣ ଅନଶନ କରିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିଛନ୍ତି।



ଅନୁଗୋଳ କାରାଗାର ସମ୍ମୁଖରେ କର୍ମଚାରୀମାନେ ଆମରଣ ଅନଶନରେ ବସିଛନ୍ତି।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

କାମାକ୍ଷାନଗର,୨୫।୯(ଅମଜାଦ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ମଣ୍ଡଳ ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ମାଟି ସଂଗ୍ରହ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମହବିରୋଡ଼ଠାରେ ଅବସରପ୍ରାପ୍ତ ଯବାନ ଆର୍ତ୍ତତ୍ରାଣ ଜେନା, ସ୍ୱାଧୀନତା ସଂଗ୍ରାମୀ ପରିବାର ପବିତ୍ର ବିଶ୍ୱାଳଙ୍କ ସ୍ତ୍ରୀ ପ୍ରମିଳା ବିଶ୍ୱାଳ, ସୁଧୀର ସାହୁ, ଗିରିଧାରୀ ହାତୀ, ଚାନ୍ଦପୁରରେ ସ୍ୱାଧୀନତା ସଂଗ୍ରାମୀ ଶଶିଭୂଷଣ ମହାପାତ୍ରଙ୍କ ଝିଅ ମନ୍ଦାକିନୀ ପାତ୍ରଙ୍କୁ ସଭାପତି କୃଷ୍ଣଚନ୍ଦ୍ର ସାହୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏଥିରେ ଅଞ୍ଚଳର ବୁଦ୍ଧିଜୀବୀ, ମହିଳା, ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ୨୯ ତାରିଖ ସୁଧା ସମାପ୍ତ ହେବ ବୋଲି ସମ୍ପାଦକ ମହାଦେବ ସାହୁ ସୂଚନା ଦେଇଛନ୍ତି।



# ଘରେ ପଶି ବୁଲାଇଲେ କଳାକନା

ଅନୁଗୋଳ, ୨୫।୯ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅନ୍ତର୍ଗତ ବଳରାମପ୍ରସାଦରେ ରହୁଥିବା ଲକ୍ଷ୍ମୀପ୍ରିୟା ମାହାଲିକଙ୍କ ଘରେ ଦୁର୍ବୃତ୍ତମାନେ ପଶି କଳାକନା ବୁଲାଇଛନ୍ତି। ଏ ନେଇ ଲକ୍ଷ୍ମୀପ୍ରିୟା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୭୬/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଯେ, ଲକ୍ଷ୍ମୀପ୍ରିୟା ଗତ ଶନିବାର ନାଲ୍‌କୋ ବିଶକର୍ମା ପୂଜା ଦେଖିବାକୁ ଝିଅଙ୍କ ସହ ଯାଇଥିଲେ। ଏହି ସମୟରେ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା, ଟଙ୍କା ଓ ଏଟିଏମ କାର୍ଡ ନେଇ ଚମ୍ପଟ ମାରିଥିଲେ। ସେ ପୂଜା ଦେଖି ଘରକୁ ଫେରିବା ପରେ ଚୋରି ସମ୍ପର୍କରେ ଜାଣିବାପାଇ ଥାନାରେ ଅଭିଯୋଗ କରିଥିଲେ।

# ଉଦ୍ଭାବକଙ୍କୁ ଉତ୍ସାହିତ କରିବ ଷ୍ଟାର୍ଟଅପ୍ ଏକ୍ସପ୍ରେସ୍



ଅନୁଗୋଳ,୨୫।୯(ଅମିତ ସାମଲ)

ରାଜ୍ୟ ସରକାର ଓ ଶ୍ରୀ ଶ୍ରୀ ୟୁନିଭରସିଟି ମିଳିତ ଆନୁକୂଲ୍ୟରେ ଅନୁଗୋଳ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଷ୍ଟାର୍ଟଅପ ଏକ୍ସପ୍ରେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରର ଉଦ୍ଭାବକମାନଙ୍କୁ ଉତ୍ସାହିତ କରିବା ସହ ନୂତନ ଜ୍ଞାନ କୌଶଳରେ ସୁଧାର ଆଣିବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦିଆଯାଇଥିଲା। ଏହି ପଦକ୍ଷେପ ୨୬୦ ଅନୁଷ୍ଠାନକୁ ସଂଯୋଗ କରିବ, ଯାହାକି ୩,୫୦୦ରୁ ଅଧିକ ଚିନ୍ତାଧାରା ସୃଷ୍ଟି କରିବ। ଏହା ଉଦ୍ଭାବନ ଏବଂ ଉଦ୍ୟୋଗକୁ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ହେବ। ଉଦ୍ୟୋଗୀ ମନୋଭାବ ଗଢ଼ି ତୋଳିବା ପାଇଁ ପ୍ରତ୍ୟେକଙ୍କୁ ୧୦ ହଜାର ନଗଦ ଅର୍ଥ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ପିଟିସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଦାର ବେହେରା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ଶ୍ରୀ ଶ୍ରୀ ୟୁନିଭରସିଟି ତରଫରୁ ଉଲ୍ଲାସ ପ୍ରଧାନ, ସ୍ୱାଧୀନ ମହାନ୍ତି ପରିଚାଳନା କରିଥିଲେ। ରାଜ୍ୟର ୩୦ଟି ଜିଲାର ୬୦ଟି ସ୍କୁଲରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି।

# ବଟି ମାଗି ଜଣେ ଗିରଫ

ଅନୁଗୋଳ, ୨୫।୯ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା କରଡ଼ାଗାଡ଼ିଆରେ ମଦ ପିଇବକୁ ବଟି ମାଗିବା ଅଭିଯୋଗରେ କୁଶାସିଂହା ଅଞ୍ଚଳର ପୁରୁଷୋତ୍ତମ ଭୂଟିଆ(୩୧)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ସଦର ଥାନାରେ କୃଷ୍ଣ ଦାସଙ୍କ ଅଭିଯୋଗକ୍ରମେ ନଂ. ୫୧୦/୨୩ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ଗତ ୧୮ ତାରିଖରେ କୃଷ୍ଣଙ୍କ ବଡ଼ଭାଇ ସୁଶୀଲ ଦାସ ଓ ଭଣଜା ସିଦ୍ଧାର୍ଥ ଗଡ଼ନାୟକ ଏକ ଶିଳ୍ପ ସଂସ୍ଥାକୁ କାର୍ଯ୍ୟ କରିବାକୁ ଯାଉଥିଲେ। ଏହି ସମୟରେ କରଡ଼ାଗାଡ଼ିଆ ଛକରେ ୪ ଜଣ ଯୁବକ ତାଙ୍କ ଗାଡ଼ିକୁ ଅଟକାଇ ମଦ୍ୟପାନ କରିବେ ବୋଲି କହି ବଟି ମାଗିଥିଲେ। ସୁଶୀଲ ଓ ସିଦ୍ଧାର୍ଥ ଟଙ୍କା ଦେବାକୁ ମନା କରିବାରୁ ସମ୍ପୃକ୍ତ ଯୁବକମାନେ ଉଭୟଙ୍କୁ ମାଡ଼ ମାରିଥିଲେ। ଏପରି କି ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ।

# ଜନ ସମ୍ପର୍କ ପଦଯାତ୍ରା ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ।

ବଇଣ୍ଡା,୨୫।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ୧୩ ନମ୍ବର ଜୋନ୍‌ରେ ବିଜେଡି ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ସୋମବାର ଦଳ ପକ୍ଷରୁ ବଇଣ୍ଡା କଲ୍ୟାଣ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କୁମୁନ୍ଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ସାହୁ, ତପନ ସାହୁ, ଅରୁଣ ପ୍ରଧାନ, ଜିତେନ୍ଦ୍ର ବେହେରା, ମାନସ ସାହୁ, ଉତ୍ତମ ମାଟିଆରି, ତ୍ରିଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ୧୩ ନମ୍ବର ଜୋନରେ କିପରି ଏହି ପଦଯାତ୍ରା ଅନୁଷ୍ଠିତ ହେବ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ଅଞ୍ଚଳବାସୀଙ୍କୁ ସାମିଲ କରାଯିବା ଉପରେ ଗୁରୁତ୍ୱ ଦେବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି କିଶୋରନଗର କଲ୍ୟାଣ ମଣ୍ଡପ ପରିସରରେ ୧୧ ନମ୍ବର ଜୋନ୍‌ରେ ପଦଯାତ୍ରା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟାନନ୍ଦ ପ୍ରଧାନ, ଲବ ପ୍ରଧାନ, ସଞ୍ଜୀବ ପ୍ରଧାନ, ପ୍ରତାପ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ପ୍ରିୟ ରଞ୍ଜନ ବେହେରାଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ୪୦ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ,୨୫।୯(ଅମିତ କୁମାର ସାମଲ)

ଗଣେଶ ପୂଜା ଅବସରରେ ଅନୁଗୋଳ ଆଇଟିଆଇ ଠାରେ ମିଶ୍ରପଡାସ୍ଥିତ ଅନୁଗୋଳ ୟୁଥ୍ କ୍ଲବ ଓ ଓଡ଼ିଶା ମୋ ପରିବାର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (ବସୁଧା)ର ଉପଦେଷ୍ଟା ଦୀନେଶ ପ୍ରଧାନ ଏହି ଶିବିରକୁ ଉଦଘାଟନ କରିଥିଲେ। ଅତିଥି ଭାବେ ଢେଙ୍କାନାଳ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ, ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ କ୍ରିକେଟ ଆସୋସିଏଶନ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ ସାମିଲ ହୋଇଥିଲେ। କ୍ଲବ ସଭାପତି ସୂର୍ଯ୍ୟକାନ୍ତ ସାହୁ, ବିକାଶ ବେହେରା ଓ ଅଭିନାଶ ବିଶୋଇ, ସୁମିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା।




ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଘର ବୁଲି ପ୍ରଚାର ପତ୍ର ବାଣ୍ଟିଲା କଂଗ୍ରେସ




ଅନୁଗୋଳ,୨୫।୯(ଅମିତ ସାମଲ)

ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ସୋମବାର 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବ୍ଲକ ରନ୍ତଲେଇ ପଞ୍ଚାୟତର ରନ୍ତଲେଇ, ହରିବେରିଣୀ, ମୁଷାପାପୁଲି ଓ ଚନ୍ଦ୍ରବାହଳ ଆଦି ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ସଂଗ୍ରାମ ମିଶ୍ରଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର, ପିସିସି କାର୍ଯ୍ୟକାରୀ ସଦସ୍ୟ ଅମ୍ବିକା ଭଞ୍ଜ, ପିସିସି ସମ୍ପାଦକ ଚିକନ ବେହେରା, ବ୍ଲକ କଂଗ୍ରେସ ସଭାପତି ଅମୂଲ୍ୟ ବେହେରା ପ୍ରମୁଖ ଘର ଘର ବୁଲି ଦଳର ପ୍ରଚାର ପତ୍ର ବାଣ୍ଟିବା ସହ ଦରଦାମ ବୃଦ୍ଧି, ଉତ୍କଟ ବେକାରି ଓ ଦାରିଦ୍ର୍ୟ ସମସ୍ୟା, ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଆଦି ଉପରେ ଜନ ସାଧାରଣଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ବିଜୟା ନନ୍ଦ ଚାଉଳିଆ, ଜିଲା କଂଗ୍ରେସ ଉପସଭାପତି ଦୁଷ୍ମନ୍ତ ଦଳବେହେରା, ଚିତ୍ତରଞ୍ଜନ ନାଏକ, ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ବିଶ୍ୱାଳ, ରମେଶ ପ୍ରଧାନ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବିମଳ ବେହେରା, ଲୁଲୁ ପାଣିଗ୍ରାହୀ, ଚିତ୍ତରଞ୍ଜନ ସାମଲ, ହେମନ୍ତ ମହାଳିକ, ଶରତ ସାସମଲ, ଜିତେନ୍ଦ୍ର ସିଂ, କମଳକାନ୍ତ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜାତୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

ଅନୁଗୋଳ,୨୫।୯(ଅମିତ ସାମଲ)

ଅନୁଗୋଳ ଜିଲା ପ୍ରଶାସନ ଓ ଓରମାସ ଉଦ୍ୟମରେ ନାଲ୍‌କୋଠାରେ ଚାଲିଥିବା ଜାତୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ଜିଲା ପ୍ରଶାସନର ଉଦ୍ୟମ ଏବଂ ନାଲ୍‌କୋର ସହାୟତା ଯୋଗୁ ଏହି ମେଳା ସଫଳତାର ସହ ସମ୍ପନ୍ନ ହୋଇଛି ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ପାଇଁ ମହିଳାମାନେ ସ୍ୱାବଲମ୍ବୀ ହୋଇପାରୁଥିବା କହିଥିଲେ। ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ ଗ୍ରାମାଞ୍ଚଳ ବିକାଶରେ ରାଜ୍ୟ ତଥା ଦେଶର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ମେଳାରେ ମୋଟ୍ ୩ କୋଟି ୯୬ ଲକ୍ଷ ଟଙ୍କାର କାରବାର ହୋଇଥିବା ଓରମାସ ସିଇଓ ସୌରଭ ଦାସ ସୂଚନା ଦେଇଥିଲେ। ରଞ୍ଜନ କୁମାର ବେହେରା, ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିଲେ।



ଉଦ୍‌ଯାପନୀ ଦିବସରେ ଢେଙ୍କାନାଳ ଏମ୍‌ପି ସମ୍ବର୍ଦ୍ଧନା ପ୍ରଦାନ କରୁଛନ୍ତି।

# ଗୀତା ପଠନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା

ବଇଣ୍ଡା,୨୫।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ କିଶୋରନଗର ହାଇସ୍କୁଲ ପରିସରରେ ରବିବାର ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରା ନନ୍ଦ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କିଶୋରନଗର ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚ୍ଚିଦା ନନ୍ଦ ସାହୁ, ଶିକ୍ଷାବିତ୍ ଦିବାକର ମାଝି, ଆର. ମିଶ୍ର ପ୍ରମୁଖ ଯୋଗଦେଇ ଗୀତା ପଠନର ମହତ୍ତ୍ୱ ଓ ଦୈନନ୍ଦିନ ଜୀବନ ଉପରେ ଆଲୋଚନା କରିଥିଲେ। ପ୍ରଜ୍ଞାନ ମିଶନ ସଦସ୍ୟ ମନୋଜ କୁମାର ଅଗ୍ରୱାଲା, ସରୋଜ କୁମାର ସାହୁ, ସୁଧାଂଶୁ ଶେଖର ରାଉଳ, ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ବାଲ୍ୟ ବିବାହ ରୋକିବା ଉପରେ ଗୁରୁତ୍ୱ

ବଇଣ୍ଡା,୨୫।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ତାଲିମ ଗୃହ ପରିସରରେ କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେଶନ ସହାୟତାରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ଆକ୍ସେସ ଟୁ ଜଷ୍ଟିସ କାର୍ଯ୍ୟକର୍ତ୍ତାମାନଙ୍କ ୨ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସ କାର୍ଯ୍ୟକ୍ରମରେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଡ. ଅନଙ୍ଗଦେବ ସିଂଙ୍କ ଦ୍ୱାରା ଉତ୍କଳ ସେବକ ସମାଜ କଟକ ଓ ବିଶ୍ୱ ଯୁବକେନ୍ଦ୍ର ବଣିନାଳୀର ଅନୁଗୋଳ ଏବଂ ଢେଙ୍କାନାଳ ଜିଲା କର୍ମକର୍ତ୍ତାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ବାଲ୍ୟବିବାହ ଆଇନ, ଶିଶୁ ଯୌନ ନିର୍ଯାତନା ତଥା ଏ ସମ୍ବନ୍ଧୀୟ ପୋକ୍‌ସୋ ଆଇନ, ଜୁଭେନାଇଲ ଜଷ୍ଟିସ ଆଇନ, ଶିଶୁ ଅଧିକାର ଆଇନର ଶିଶୁ ଅଧିକାର ରକ୍ଷା ସକାଶେ ଉପଯୋଗ, ସରକାରୀ ବ୍ୟବସ୍ଥାରେ ବିଭିନ୍ନସ୍ତରରେ କିପରି ଭାବରେ କେଉଁ ପଦକ୍ଷେପ ନେଇହେବ, ସେ ନେଇ ବିସ୍ତୃତ ଭାବେ ତାଲିମ ଦିଆଯାଇଥିଲା। ଶେଷରେ ଏହି କାର୍ଯ୍ୟକ୍ରମକୁ କିପରି ବ୍ୟାପକ କରିହେବ ଓ ବାଲ୍ୟ ବିବାହ ରୋକିହେବ ତାହା ଉପରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଦିବସରେ ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ପ୍ରକଳ୍ପ ସହଯୋଗୀମାନଙ୍କୁ ନେଇ ଚଳିତ ମାସର କାର୍ଯ୍ୟପ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ବାଲ୍ୟବିବାହ ରୋକିବା ପାଇଁ କୈଳାସ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେଶନ ଦ୍ୱାରା ରାଷ୍ଟ୍ରବ୍ୟାପୀ ଅଭିଯାନ ଏବଂ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିସହ ବିଭିନ୍ନସ୍ତରରେ ଜନପ୍ରତିନିଧି, ପ୍ରଶାସନିକ କର୍ମଚାରୀ, ବୁଦ୍ଧିଜୀବୀ ତଥା ସମାଜର ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ କିପରି ଏହି ବାଲ୍ୟବିବାହ ବିରୋଧି ଆନ୍ଦୋଳନରେ ସାମିଲ କରାଯାଇ ସମାଜରେ ସଚେତନତା ଅଣାଯାଇପାରିବ, ତାହା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଆହ୍ୱାନ ଦିଆଯାଇଥିଲା।




ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କର୍ମକର୍ତ୍ତାମାନେ।

